ଧରିତ୍ରୀ 17
Wednesday, 24 July 2013

# ଏସ୍.ସି. ମହାନ୍ତି ଆଇସିଏଆଇ ସଭାପତି

ନୂଆଦିଲ୍ଲୀ,23-7(ପି.ଟି.)- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ (ଆଇସିଏଆଇ) ସୁରେଶ ଚନ୍ଦ୍ର ମହାନ୍ତିଙ୍କୁ ଏହାର ନୂଆ ସଭାପତି ଭାବେ ନିଯୁକ୍ତ କରିଛି । 2013-14 ବର୍ଷ ପାଇଁ ସେ ଏହି ପଦରେ ରହିବେ । ତାଙ୍କ ପୂର୍ବରୁ ରାକେଶ ସିଂ ଏହି ପଦରେ ଥିଲେ । ତେବେ ଏ. ଏସ୍. ଦୁର୍ଗାପ୍ରସାଦଙ୍କୁ ନୂଆ ଉପ-ସଭାପତି ଭାବେ ନିଯୁକ୍ତ କରାଯାଇଛି । ମହାନ୍ତିଙ୍କର ଅର୍ଥନୀତିରେ ସ୍ନାତକ ଡିଗ୍ରୀ ରହିଥିବାବେଳେ ଆଇନ ପାଠ୍ୟକ୍ରମରେ ମଧ୍ୟ ସେ ଡିଗ୍ରୀ ହାସଲ କରିଛନ୍ତି । ଆଇସିଏଆଇର ସେ ଜଣେ ଫେଲୋ ମେମ୍ବର । ଆଇସିଏଆଇର ଇଷ୍ଟର୍ନ ଇଣ୍ଡିଆ ରିଜିଓନାଲ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଭାବେ ମଧ୍ୟ ସେ ଦାୟିତ୍ୱ ତୁଲାଇଛନ୍ତି ।